# Akashvani, Sambalpur

## SAMBALPURI NEWS MORNING BULLETIN

## 23 July 2026 - 6.47- 6.52 am.

---

ନଅମୀ ସନ୍ଧ୍ୟା ଦର୍ଶନ୍ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଜନ୍ମବେଦୀ ନ ମାହାପୁରୁମାନେ ଆଏଜ୍ ନଅମୀ ସନ୍ଧ୍ୟା ଦର୍ଶନ୍ଥି ମାହାପୁରୁମାନେ ଦର୍ଶନ୍ ଦେବେ । ଗଲାକାଏଲ୍ ତିନ୍‌ହି ରଥର ଦକ୍ଷିଣ ମୋଡ଼ କରାଯାଇକରି ଗୁଣ୍ଡିଚା ମନ୍ଦିର୍ ନାକଚଣା ଦ୍ୱାର ଆଗାଡ୍େ ରଖାଯାଇଛେ । ଆଏବା କାଏଲ୍ ବାହୁଡ଼ା ଯାତ୍ରା ଥିବାର୍‌ନୁ ସନ୍ଧ୍ୟା ଦର୍ଶନ୍‌କେ ବେଲ୍‌ବୁଡ଼ର୍ ୬ ବଜେ ବନ୍ଦ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ଦର୍ଶନ୍ ବନ୍ଦ୍ ହେବାର୍ ଉତ୍‌ରୁ ସନ୍ଧ୍ୟାଧୂପ ଆଲ୍‌ତୀ କରାଯିବାର୍ ତାର୍ ଉତ୍‌ରୁ ବଡ଼ସିଂହାର ଭୋଗ ହେଇକରି ପହୁଡ଼ ଆଲ୍‌ତୀ କରାଯିବା । ଭକ୍ତମାନ୍‌କର୍ ଶୃଙ୍ଖଲିତ୍ ଦର୍ଶନ୍ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର୍ ସିଂହ ଦୁଆର ନୁ ବସ୍‌ଷ୍ଟେଣ୍ଡ୍‌ଛକ୍ ତକ୍ ବେରିକେଡ୍ ବ୍ୟବସ୍ଥା କରାଯାଇଛେ ।

ନୀଳ ଅର୍ଥନୀତି ପି.ଆଇ.ବି.

କେନ୍ଦ୍ର ମତ୍ସ୍ୟ ପାଲନ୍ ମନ୍ତ୍ରଣାଳୟ -୨୦୨୦-୨୧ ଆର୍ଥିକ୍ ବଛର୍‌ନୁ ଓଡ଼ିଶା ସହେତେ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ପ୍ରଧାନ୍‌ମନ୍ତ୍ରୀ ମତ୍ସ୍ୟ ସମ୍ପଦ୍ ଯୋଜ୍‌ନା-ପି.ଏମ୍.ଏମ୍.ଏସ୍.ୱାଇ. କାର୍ଯ୍ୟକାରୀ କରୁଛନ୍ । ଇ ସମିଆ ଭିତ୍‌ରେ ମାଛ୍ ଚାଷ୍ ଆଉ ଜଳକୃଷିର ମୂଲ୍ୟ ଶୃଙ୍ଖଳାକେ ବର୍‌କସ୍ କର୍‌ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ହିସାବେ ରାଜ୍ୟ ସର୍‌କାର୍ ଦାଖଲ୍ କରିଥିବା ୧ ହଜାର୍ ୩ ଶହ ୧ କୋଟି ୧୮ ଲାଖ୍ ଟଙ୍କାର ମତ୍ସ୍ୟ ବିକାଶ୍ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଳିଛେ । ଯେନ୍‌ଥି ୪ ଶହ ୮୪ କୋଟି ୬୪ ଲାଖ୍ ଟଙ୍କାର୍ କେନ୍ଦ୍ରୀୟ ଭାଗ୍ ସାମିଲ୍ ଅଛେ । ପି.ଏମ୍.ଏମ୍.ଏସ୍.ୱାଇ. ଯୋଜ୍‌ନା ଅଧୀନ୍‌ଥି ଜାନୁଆରୀ ୨୦୨୫ ଥି ସମ୍ବଲ୍‌ପୁର୍‌ର ବସନ୍ତ୍‌ପୁର୍ ଠାନେ ଶହେ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ସମନ୍ୱିତ ଏକ୍ୱାପାର୍କ ଥାପ୍‌ନା ଲାଗି କେନ୍ଦ୍ର ସର୍‌କାର୍ ମଞ୍ଜୁରୀ ଦେଇଛନ୍ ବଲି ରାଜ୍ୟସଭା ନ କେନ୍ଦ୍ରମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ ସୂଚ୍‌ନା ଦେଇଛନ୍ ।

ରେଲ୍ ବଜେଟ-ରେଲ୍‌ମନ୍ତ୍ରୀ ପି.ଆଇ.ବି.

ଓଡ଼ିଶା ଲାଗି ରେଲ୍ ବଜେଟ୍ ଆବଂଟନ୍ ଗଲା ୧୨ ବଛର୍ ଭିତ୍‌ରେ ପାଖାପାଖି ୧୩ ଗୁନା ବଢ଼ିଛେ ବଲି ଗଲାକାଏଲ୍ ଲୋକ୍‌ସଭା ନ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ । ଶ୍ରୀ ବୈଷ୍ଣବ୍ କହିଛନ୍, ୨୦୦୯ ନୁ ୨୦୧୪ ମସିହା ଭିତ୍‌ରେ ରାଜ୍ୟକେ ବଛର୍‌କ ୮ ଶହ ୩୮ କୋଟି ଟଙ୍କା ରେଲ୍ ବଜେଟ୍ ମିଳୁଥିଲା । ୨୦୨୬-୨୭ ଥି ଇଟା ୧୩ ଗୁନା ବଢ଼ିକରି ୧୦ ହଜାର୍ ୯ ଶହ ୨୮ କୋଟି ଟଙ୍କାଥି ପୁହୁଁଚିଛେ । ସେନ୍ତା ଓଡ଼ିଶା ନ ନୂଆଁ ରେଲ୍ ଲାଇନ୍ ତିଆର୍ ସାଢ଼େ ୩ ଗୁନା ବଢ଼ିଛେ । ଏପ୍ରିଲ୍ ୧ ତାରିଖ୍‌ତକ୍ ଓଡ଼ିଶା ନ ୧୯ ଟା ନୂଆଁ ଲାଇନ୍ ଆଉ ୩୬ ଟା ରେଲ୍‌ଲାଇନ୍‌ର ପ୍ରଶସ୍ତିକରଣ୍ ସହେତେ ୫୫ ଟା ପ୍ରକଳ୍ପକେ ମଞ୍ଜୁର୍ କରାଯାଇଛେ । ଇଥିର୍‌ଲାଗି ମୋଟ୍ ୮୨ ହଜାର୍ ୭ ଶହ ୩୯ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ସେନ୍ତା ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ରାଜ୍ୟର୍ ୫୯ ଟା ଷ୍ଟେସନ୍‌ର ପୁର୍ନବିକାଶ୍ କାମ୍ ଚାଲିଥିବାର୍ ବେଲେ ୯ ଟା ଷ୍ଟେସନ୍‌ର କାମ୍ ଶେଷ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ ।

ନୀତି ଆୟୋଗ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ   ଆଇ ଆଣ୍ଡ୍ ପି.ଆର୍

କେନ୍ଦ୍ର ସର୍କାର୍ ବରିଷ୍ଠ ପ୍ରଶାସନିକ୍ ଅଧିକାରୀ ଅନୁରାଗ୍ ଜୈନ୍ଙ୍କୁ ନୀତି ଆୟୋଗ୍ର ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ । କେବିନେଟ୍ର ନିଯୁକ୍ତି ବାବଦ୍ କମିଟି ତାଙ୍କର୍ ନିଯୁକ୍ତିକେ ମଞ୍ଜୁରୀ ଦେଇଛେ । ଇ ବାବ୍ଦେ କାର୍ମିକ ଆଉ ପ୍ରଶିକ୍ଷଣ୍ ବିଭାଗ୍ ତର୍ଫୁ ଗଲାକାଏଲ୍ ନିର୍ଦ୍ଦେଶ୍ ଜାରି ହେଇଛେ । ସେଥି ଶ୍ରୀ ଜୈନ୍ଙ୍କର୍ କାର୍ଯ୍ୟକାଳ ୨ ବଛର୍ ରହେବା ବଲି କୁହାଯାଇଛେ ।

ସ୍ୱତନ୍ତ୍ର କୋର୍ଟ          ଆଇ ଆଣ୍ଡ୍ ପି.ଆର୍

ଅନୁସୂଚିତ ଜାତି ଆଉ ଜନଜାତି ବର୍ଗଙ୍କୁ ତୁର୍ତି ନ୍ୟାୟ ଦେବାର୍ ଲାଗି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ରାଜ୍ୟର୍ ୬ ଟା ଜାଗା ନ ଅତ୍ୟାଚାର୍ ନିବାରଣ୍ ଆଇନ୍ ୧୯୮୯ ଅଧୀନ୍ଥି ସ୍ୱତନ୍ତ୍ର କୋର୍ଟ ଗଠନ୍ କର୍ବାର୍ ଲାଗି ବିଜ୍ଞପ୍ତି ବାହାରିଛେ । ଗୃହ ବିଭାଗ୍ର ବିଜ୍ଞପ୍ତି ଅନ୍ସାରେ ଉଚ୍ଚନ୍ୟାୟାଳୟଙ୍କର୍ ସହମତିଥି ଭଦ୍ରକ୍, ଗଞ୍ଜାମ୍, ଯାଜ୍ପୁର୍, କେନ୍ଦ୍ରାପଡ଼ା, ପୁରୀ ଆଉ ଖୋର୍ଦ୍ଧା ରାଜସ୍ୱ ସବ୍ଡିଭିଜନ୍ ନ ଇ ସ୍ୱତନ୍ତ୍ର କୋର୍ଟ କାମ୍ କର୍ବା । ଇତାର୍ ଜରିଏ ପଡ଼ିରହିଥିବା

ମାମ୍‌ଲାମାନ୍‌କର୍ ତୁର୍‌ତି ଶୁଣାଣି ଆଉ ଦଣ୍ଡବିଧାନ୍ ସମ୍ଭବ୍ ହେଇପାର୍‌ବା ।

କୋଭିଡ୍ -୧୯      ଆଇ ଆଣ୍ଡ୍ ପି.ଆର୍

କୋଭିଡ୍ -୧୯ କେ ନେଇକରି ନାଇଁ ଡର୍‌ବାର୍‌କେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଲୁକ୍‌କୁ ପରାମର୍ଶ ଦିଆଯାଇଛେ । ଇଥିର୍‌ଲାଗି ରୋଗୀମାନ୍‌କର୍ ଲାଗି ନିୟମିତ୍ ନିରୀକ୍ଷଣ୍ ଆଉ ସତର୍କତା ବ୍ୟବସ୍ଥା କରାଯାଇଛେ ବଲି ସ୍ୱାସ୍ଥ୍ୟ ବିଭାଗ୍ କହିଛେ ।

କଲାହାଣ୍ଡି -ଉପମୁଖ୍ୟମନ୍ତ୍ରୀ      କଲାହାଣ୍ଡି ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଲାହାଣ୍ଡି ଜିଲ୍ଲା ଗସ୍ତଥି ଆସିକରି ଗଲାକାଏଲ୍ ବେଲ୍‌ବୁଢ଼େ ଭବୀନାପାଟ୍‌ନା ନ ଥିବା ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ସମନ୍ୱିତ୍ ଶିଶୁ ବିକାଶ୍, ମିଶନ୍ ଶକ୍ତି, ଶିଶୁ ସୁରକ୍ଷା ଆଉ ପର୍ଯ୍ୟଟନ୍ ବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ସମୀକ୍ଷା କରିଥିଲେ । ଏବ୍‌ତକ୍ ତିଆର୍ ନାଇଁ ହେଇଥିବା କି ତିଆର୍

ଚାଲିଥିବା ଅଙ୍ଗନବାଡ଼ି ଗୃହ ଆଉ ଗ୍ରାମ୍‌ପଂଚାୟତ୍ ସ୍ତରୀୟ ମିଶନ୍ ଶକ୍ତି ଗୃହମାନ୍‌କର ତିଆର୍ କାମ୍ ତୁର୍‌ତି ଶେଷ୍ କର୍‌ବାର୍‌କେ ଗୋଷ୍ଠୀ ଉନ୍ନୟନ୍ ଅଧିକାରୀମାନ୍‌କୁ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ୍ ଦେଇଥିଲେ ।

ଏମ୍ସ ଭୁବ୍‌ନେଶ୍ୱର୍‌ର ନିର୍ଦ୍ଦେଶକ       ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା କିଡ୍‌ନୀ ରୋଗୀଙ୍କର୍ ସଂଖ୍ୟା ବଢୁଥିବାର୍‌ନୁ ଏମ୍ସ ଭୁବ୍‌ନେଶ୍ୱର୍‌ର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର୍ ଆଶୁତୋଷ୍ ବିଶ୍ୱାସ୍‌ଙ୍କର୍ ନେତୃତ୍ୱଥି ୫ ଝନିଆ ବିଶେଷଜ୍ଞ ଦଲ୍ ଜିଲ୍ଲା ପରିଦର୍ଶନ୍ କରିଛନ୍ । ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁଙ୍କର୍ ସହେତେ ସୋନ୍‌ପୁର୍ ଆଉ ଉଲୁଣ୍ଡାର ସୁନାପାଲି ଗାଁ ନ ଲୋକ୍‌ମାନ୍‌କର୍ ଖାଏବାର୍, ପାଏନ୍ ଆଉ ଜୀବନ୍‌ଶୈଲୀ ଉପ୍‌ରେ ଅନୁଧ୍ୟାନ୍ କରାଯାଇକରି ସଚେତନ୍ କରାଯାଇଛେ ।

ଦେବ୍‌ଗଡ୍ ଜିଲ୍ଲାପାଲ୍-ସମୀକ୍ଷା       ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ଅଗ୍ରଗତି ବାବଦ୍ ସମୀକ୍ଷା କରାଯାଇଛେ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଶୁ ଚିକିତ୍ସା ବିଭାଗ୍ ତର୍‌ଫୁ ପ୍ରାଣୀ ସହାୟତା କେନ୍ଦ୍ର, ମାଧମିକ୍ ବିଦ୍ୟାଲୟର୍ ଉନ୍ନତିକରଣ୍ ଆଉ ପ୍ରଧାନ୍‌ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜ୍‌ନାଥି ଚାଲିଥିବା ଭିନ୍ ଭିନ୍ ଗୃହ ନିର୍ମାଣ୍ କାମ୍‌କେ ଜଲ୍‌ଦି ଶେଷ୍ କର୍‌ବାର୍‌କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ପାଣିପାଗ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ୍ ସାଙ୍ଗେ ଦକ୍ଷିଣ ଓଡ଼ିଶା, ଛତିଶ୍‌ଗଡ଼୍ ଆଉ ମଧ୍ୟପ୍ରଦେଶ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା

ଅନ୍‌ସାରେ ଆଏଜ୍ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କେନ୍ଦୁଝର୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ । ସେନ୍ତା ସମ୍ବଲ୍‌ପୁର୍, ଦେବ୍‌ଗଡ଼୍ ସହେତେ ୧୨ ଟା ଜିଲ୍ଲାର୍ ଗୁଟେ/ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।